# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**4 July– 2026**

---

## ଜଳବନ୍ଦୀ-ସମୀକ୍ଷା ବୈଠକ

ରାଜ୍ୟର ସହରାଞ୍ଚଳ ଗୁଡ଼ିକରେ ଲଗାଣ ବର୍ଷାଜନିତ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଶ୍ରୀ ପୂଜାରୀ କହିଛନ୍ତି ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗର ସମନ୍ୱୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ସହରାଞ୍ଚଳର ତାଲିକା ପ୍ରସ୍ତୁତ କରାଯାଇ ଅର୍ଥ ପ୍ରଦାନ କରାଯିବ । ଉତ୍ତରପୂର୍ବ ରାଜ୍ୟ ମାନଙ୍କ ମଡେଲ ଆଧାରରେ ରାଜ୍ୟ ସରକାର ଭୂ-ସ୍ଖଳନ ପରିଚାଳନା ବ୍ୟବସ୍ଥା ବିକାଶ କରିବେ ବୋଲି ମନ୍ତ୍ରୀ କହିଛନ୍ତି ।

## ରାଜସ୍ୱ ମନ୍ତ୍ରୀ-ବୈଠକ

ରାଜସ୍ୱ ସେବାକୁ ଅଧିକ ସୁଗମ ଓ ଦକ୍ଷ କରିବା ପାଇଁ ଭୁବନେଶ୍ୱର ଲୋକସେବା ଭବନଠାରେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କ୍ଷେତ୍ର ଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜସ୍ୱ ନୀରିକ୍ଷକ, ଅତିରିକ୍ତ ରାଜସ୍ୱ ନୀରିକ୍ଷକ, ଅମିନ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସହିତ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ବିଭିନ୍ନ ଆନୁଷଙ୍ଗିକ ସୁବିଧାସୁଯୋଗ

ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା । ସେହିଭଳି ଅଧିକାରୀ ଓ କର୍ମଚାରୀଙ୍କ ପଦୋନ୍ନତିକୁ ବ୍ୟବସ୍ଥିତ ଏବଂ କ୍ୟାଡର ପୁର୍ନଗଠନ ସମ୍ପର୍କିତ ପ୍ରସ୍ତାବ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ଏସ୍‌ଆଇଆର୍

ଭୋଟରତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା-ଏସ୍‌ଆଇଆର୍‌ରେ ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଉପଲବ୍ଧ ହେବା ଜରୁରୀ ବୋଲି ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି । ନୂଆଦିଲ୍ଲୀଠାରେ ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମିଡ଼ିଆ ନୋଡାଲ ଅଫିସରଙ୍କ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରକୁ ସମ୍ବୋଧିତ କରି ଶ୍ରୀ କୁମାର କହିଛନ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ନିର୍ଭୁଲ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଆଗାମୀ ନିର୍ବାଚନ ସମୟରେ ଗଣମାଧ୍ୟମ ସହ ସମନ୍ୱୟ ରକ୍ଷାକରି ସଠିକ୍ ତଥ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଓ ସ୍ୱଚ୍ଛ ସୂଚନା ପ୍ରଦାନ ଉପରେ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

## ଶ୍ରୀଜୀଉ-ଫୁଲୁରୀ ତେଲ ଲାଗି

ପୁରୀ ଶ୍ରୀମନ୍ଦିରରେ ଜ୍ୱରରେ ପୀଡିତ ଦାରୁ ବିଗ୍ରହ ମାନଙ୍କର ଅଣସର ଘରେ ଗୁପ୍ତସେବା ଚାଲିଛି । ଗତକାଲି ଶ୍ରୀଜୀଉମାନଙ୍କ ଶରୀରରୁ ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ ଓ ଶ୍ରୀମୁଖରୁ କନା ଆଦି କଢ଼ାଯାଇଛି । ଆଜି ଶ୍ରୀଜୀଉ ମାନଙ୍କର ଶ୍ରୀଅଙ୍ଗ ଫିଟା ନୀତି ପରେ

ଫୁଲୁରୀ ତେଲ ଲାଗି ହେବ । ପରମ୍ପରା ଅନୁସାରେ ବଡ ଓଡ଼ିଆ ମଠ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଫୁଲୁରୀ ତେଲକୁ ଏକବର୍ଷ ପୂର୍ବରୁ ମାଟିତଳେ ପୋତାଯାଇ ରଖାଯାଇଥାଏ । ଏହି ଦିବ୍ୟ ତେଲକୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିବେ । ବିଶ୍ୱାସ ରହିଛି ଏହି ତେଲ ପ୍ରଲେପ ପରେ ଜ୍ୱରରେ ପୀଡିତ ଶ୍ରୀଜୀଉମାନଙ୍କର କଷ୍ଟ ଲାଘବ ହୋଇଥାଏ ।

# ରଥଯାତ୍ରା-ପରିବହନ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ଓ ସୁରକ୍ଷିତ ଯାତାୟତକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ପ୍ରସ୍ତୁତିକାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ’ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ରଥଯାତ୍ରା-ସମୀକ୍ଷା ବୈଠକ

ଆଗାମୀ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ସହରକୁ ସ୍ୱଚ୍ଛ ରଖିବା, ସୁସ୍ଥ ପରିବେଶ ସୃଷ୍ଟି, ଶୌଚାଳୟ ବ୍ୟବସ୍ଥା, ପାର୍କିଂ, ଆଲୋକୀକରଣ ଆଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସ୍ଥାନରେ ସୂଚନା ଫଳକ ଲଗାଯାଇ ଖାଦ୍ୟ,

ପାନୀୟ ଏବଂ ଚିକିତ୍ସା ସୁବିଧା ସମ୍ପର୍କରେ ସୂଚିତ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି ।

## ସାମର୍ଥ୍ୟ-୨୦୨୬

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସାମର୍ଥ୍ୟ-୨୦୨୬ ଜାତୀୟ ସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଆୟୋଜନ କରାଯାଉଛି । ଚଳିତବର୍ଷ ଉତ୍ସବର ବିଷୟବସ୍ତୁ ରହିଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ । ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅସାଧାରଣ ପ୍ରତିଭା, ସାମର୍ଥ୍ୟ ଓ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ଆୟୋଜନ କରାଯାଉଛି ।

## ନିଶାମୁକ୍ତ ଓଡ଼ିଶ ଅଭିଯାନ

ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜାରି ରହିଛି । ଏହା ଅଧୀନରେ ଗତ ୨ ତାରିଖ ସୁଦ୍ଧା ୬୪ ହଜାର ୮୧୬ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇ ନଷ୍ଟ କରାଯାଇଛି । ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ଚୋରାଚାଲାଣ ବିରୋଧି ଲଢ଼େଇକୁ ଆହୁରି ତୀବ୍ର କରିବା ପାଇଁ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି । ନିଶାଦ୍ରବ୍ୟ ନଷ୍ଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଗତ ଜୁନ୍ ମାସ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବାରେ ଲାଗିଛି। ଲଘୁଚାପର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆହୁରି ସକ୍ରିୟ ହେବା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।